# Annual Report

# ବାର୍ଷିକ ବିବରଣୀ

## 2012-13

**Omfed Corporate Office, D/2, Sahidnagar, Bhubaneswar**
Ph. : 0674 - 2540273, 2544576, Fax : 2540706
E-mail : omfed@yahoo.com
www.omfed.com

ଓମ୍‌ଫେଡ୍




Ice-Cream Plant at Bhubaneswar Dairy, Chandrasekharpur

# ଅଧକ୍ଷାଙ୍କ କଲମରୁ



ସମ୍ମାନୀୟ ବନ୍ଧୁଗଣ,

ଓମ୍‌ଫେଡ୍‌ର ୨୬ତମ ସାଧାରଣ ବୈଠକ ଅବସରରେ ସମସ୍ତଙ୍କୁ ସ୍ୱାଗତ ଜଣାଉଛି । ଓମ୍‌ଫେଡ୍‌ର ଦୀର୍ଘ ୩୫ ବର୍ଷ କାର୍ଯ୍ୟକାଳ ମଧ୍ୟରେ ସମସ୍ତ ସଦସ୍ୟ/ସଦସ୍ୟା ଓ ଅଗଣିତ ଖାଉଟୀମାନଙ୍କୁ ସେମାନଙ୍କ ଅକୁଣ୍ଠ ସହଯୋଗ ପାଇଁ ଆନ୍ତରିକ ଶୁଭେଚ୍ଛା ଓ କୃତଜ୍ଞତା ଜଣାଉଅଛି ।

ଓମଫେଡ୍ ୧୯୮୦ ମସିହାରେ ଦୁଗ୍ଧବନ୍ୟା ଯୋଜନା – ୨ ରେ ସ୍ଥାପିତ ହୋଇଥିବା ରାଜ୍ୟର ଏକ ପ୍ରତିଷ୍ଠିତ ସମବାୟ ସଂସ୍ଥା । ସମୟକ୍ରମେ ରାଜ୍ୟର ସମସ୍ତ ୩୦ ଗୋଟି ଜିଲ୍ଲାକୁ ଏହାର କାର୍ଯ୍ୟକ୍ରମ ପରିବ୍ୟାପ୍ତ ହୋଇଅଛି । ରାଜ୍ୟର ପ୍ରାୟ ୨ ଲକ୍ଷ ୮୨ ହଜାର ଦୁଗ୍ଧ ଉତ୍ପାଦକ ଚାଷୀ ସମବାୟ ସୂତ୍ରରେ ବନ୍ଧା ହୋଇ ୩୭୬୨ ଗୋଟି ଦୁଗ୍ଧ ସମବାୟ ସମିତି ଜରିଆରେ ଦୈନିକ ପ୍ରାୟ ୫ ଲକ୍ଷ ୫୦ ହଜାର ଲିଟର ଦୁଗ୍ଧ ସଂଗ୍ରହ କରୁଅଛନ୍ତି । ମୋଟ ଗଠନ କରାଯାଇଥିବା ପ୍ରାଥମିକ ଦୁଗ୍ଧ ସମବାୟ ସମିତି ମଧ୍ୟରେ ପ୍ରାୟ ୧,୦୨,୭୮୨ ଜଣ ମହିଳା ସଭ୍ୟା ଅଛନ୍ତି । ରାଜ୍ୟରେ ଥିବା ୧୧ ଗୋଟି ଡାଏରୀ ଜରିଆରେ ସଂଗୃହୀତ ଦୁଗ୍ଧକୁ ପ୍ରକ୍ରିୟାକରଣ କରାଯାଇ ଉନ୍ନତ ମାନର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଖାଉଟୀମାନଙ୍କୁ ଉପଲବ୍ଧ କରାଯାଉଅଛି । ଦୁଗ୍ଧ ଉତ୍ପାଦନରେ ପ୍ରଥମ ଥର ପାଇଁ ଓଡିଶା ଏକ ବଳକା ରାଜ୍ୟ ଭାବେ ପରିଗଣିତ ହୋଇଅଛି ଏବଂ ୨୦୧୫-୧୬ ବର୍ଷରୁ ଓମଫେଡ୍ ଦୈନିକ ପ୍ରାୟ ୫୦ ହଜାର ଲିଟରରୁ ଉର୍ଦ୍ଧ୍ୱ ଦୁଗ୍ଧ ପଡୋଶୀ ରାଜ୍ୟକୁ ଯୋଗାଇ ଦେଉଅଛି ।

ଦୁଗ୍ଧ ଉତ୍ପାଦକ ଚାଷୀଙ୍କୁ ବାଦ୍ ଦେଇ ସମିତିର ସଂପାଦକ/ସଂପାଦିକା ଶୀର୍ଷବାହକ, ଅଧିକୃତ ବିକ୍ରେତା, ପରିବହନକାରୀ, ସଂଘ/ ମହାସଂଘ କର୍ମଚାରୀ ଯାହାର ସଂଖ୍ୟା ପ୍ରାୟ ଏକ ଲକ୍ଷ, ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ଓମଫେଡ୍ ସହିତ ଜଡିତ ଅଛନ୍ତି । ଦୈନିକ ପ୍ରାୟ ୧ କୋଟି ୪୪ ଲକ୍ଷ ଓ ବାର୍ଷିକ ପ୍ରାୟ ୫୦୦ କୋଟି ଟଙ୍କା, ଦୁଗ୍ଧର ମୂଲ୍ୟ ବାବଦରେ ଚାଷୀଙ୍କୁ ପ୍ରଦାନ କରିବା ଫଳରେ ଗ୍ରାମାଂଚଳର ଚାଷୀ ପରିବାରଙ୍କ ଆର୍ଥିକ ଓ ସାମାଜିକ ପରିବର୍ତ୍ତନରେ ଯଥେଷ୍ଟ ସହାୟକ ହୋଇଅଛି । ଦୁଗ୍ଧର ମୂଲ୍ୟ ଚାଷୀମାନଙ୍କର ବ୍ୟାଙ୍କ ଖାତାକୁ ସାଧାସିଳଖ ପ୍ରଦାନର ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ଶତକଡା୫୦ ଭାଗରୁ ଉର୍ଦ୍ଧ୍ୱ ଦୁଗ୍ଧ ଚାଷୀଙ୍କୁ ସାମିଲ୍ କରାଯାଇସାରିଲାଣି । ୨୦୧୫-୧୬ ଆର୍ଥିକ ବର୍ଷର ମଧଭାଗରୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ପରିଚାଳନା କମିଟି ଓମ୍‌ଫେଡ୍‌ର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲା ।

୨୦୧୫-୧୬ ବର୍ଷରେ ହଠାତ୍ ଦୁଗ୍ଧ ସଂଗ୍ରହ ଅତ୍ୟଧିକ ବୃଦ୍ଧି ପାଇଁ ୨୪ କୋଟି ଟଙ୍କା କ୍ଷତି ହୋଇଥିଲା । କିନ୍ତୁ ସେଥିରେ ସୁଧାର ଅଣାଯାଇ ୨୦୧୬-୧୭ ଆର୍ଥିକ ବର୍ଷରେ ୪ କୋଟି ୩୧ ଲକ୍ଷ ଟଙ୍କା ଲାଭ ହୋଇଛି । ବିଗତ ଦିନର କ୍ଷତିପାଇଁ ୨୫ କୋଟି ଟଙ୍କା ଋଣ କରିବାକୁ ପଡିଛି ଓ ଓମ୍‌ଫେଡ୍‌କୁ ବର୍ଷକୁ ଦୁଇ କୋଟି ଟଙ୍କା ସୁଧ ଦେବାକୁ ପଡୁଛି । ସେଥିପାଇଁ ଚାଷୀମାନଙ୍କ ଦୁଗ୍ଧ ମୂଲ୍ୟ ବଢାଇବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି । ଚଳିତ ବର୍ଷ ଚାଷୀମାନଙ୍କର ସମସ୍ତ ଦୁଗ୍ଧକୁ ସଂଗ୍ରହ କରାଯାଇଛି । ପୂର୍ବ ବର୍ଷର ପରିସ୍ଥିତି ଏବର୍ଷ ନାହିଁ ।

ଦୁଗ୍ଧଚାଷୀମାନେ ଉନ୍ନତ ଗୋପାଳନ, ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ବ୍ୟତିରେକ ନିଜ ସମବାୟ ସଂଗଠନର ଦାୟିତ୍ୱ ଓ ପରିଚାଳନା ନିମନ୍ତେ ଓମ୍‌ଫେଡ୍ ଦ୍ୱାରା ପ୍ରଦାନ କରାଯାଉଥିବା ତାଲିମ୍ ଓ ସଚେତନତା କାର୍ଯ୍ୟକ୍ରମକୁ ଭବିଷ୍ୟତରେ ଅଧିକ କ୍ରିୟାଶୀଳ କରିବାକୁ ଉଦ୍ୟମ ଜାରିରହିଛି । ଜୀବିକା ଅନ୍ୱେଷଣରେ ଅନ୍ୟ ରାଜ୍ୟକୁ ପଳାୟନକୁ ରୋକିବା ନିମନ୍ତେ ବଲାଙ୍ଗୀର ଜିଲ୍ଲାର ଲୋକମାନଙ୍କୁ ଗୋପାଳନ ଓ ଦୁଗ୍ଧ ସମବାୟ ସମିତି ସହିତ ସଂଶ୍ଳିଷ୍ଟ କରାଇ ରୋଜଗାରକ୍ଷମ କରିବାର ପ୍ରୟାସ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ । ଏହି କାର୍ଯ୍ୟକ୍ରମକୁ ରାଜ୍ୟର ଅନ୍ୟ ଦାଦନ ପ୍ରବଣ ଅଂଚଳକୁ ବ୍ୟାପ୍ତ କରିବାର ଆବଶ୍ୟକତା ଅଛି ।

ବିଗତ ବର୍ଷମାନଙ୍କରେ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାରଙ୍କର କ୍ରମାଗତ ସହଯୋଗ ରହି ଆସିଛି, ଫଳରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଏକ ଦୃଢ ସ୍ଥିତିରେ ପହଂଚି ପାରିଛି । ଓମ୍‌ଫେଡ୍‌ର ବର୍ଦ୍ଧିତ ଦୁଗ୍ଧ ସଂଗ୍ରହକୁ ଦୃଷ୍ଟିରେ ରଖି ୫ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ସ୍ୱୟଂଚାଳିତ ଡାଏରୀ ସ୍ଥାପନା ପାଇଁ ରାଜ୍ୟ ସରକାରଙ୍କର ପୂର୍ଣ୍ଣ ସହଯୋଗ ରହିଛି । ଏଥିପାଇଁ ଆମେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଉଛୁ । ଓମ୍‌ଫେଡ୍‌ର ଦୀର୍ଘ ଦିନର ପ୍ରଚେଷ୍ଟା, ଦୁଗ୍ଧ ଚାଷୀମାନଙ୍କର ସମବାୟ ସଂସ୍ଥା ପ୍ରତି ଆସ୍ଥା ଅତୁଟ ରହିବା ନିମନ୍ତେ ରାଜ୍ୟସରକାରଙ୍କ ସଦୟ ଦୃଷ୍ଟି ସର୍ବଦା ରହିଆସିଛି । ଏଥିରେ ୨୦୧୨-୧୩ ଆର୍ଥିକ ବର୍ଷର ସମୀକ୍ଷା ବିବରଣୀ ଉପସ୍ଥାପନା କରୁଅଛି । ପରିଶେଷରେ ଓମ୍‌ଫେଡ୍‌କୁ ଆହୁରି ଅଧିକ ସଂଗଠିତ ଓ ପ୍ରଗତିଶୀଳ ଅନୁଷ୍ଠାନ ଭାବେ ଗଢି ତୋଳିବାକୁ ସଂକଳ୍ପ ବଦ୍ଧ ଭାବେ କାର୍ଯ୍ୟ କରିବାକୁ ବିନମ୍ର ନିବେଦନ । ମୋର ଆଶା ଓ ବିଶ୍ୱାସ ସମସ୍ତଙ୍କ ସହଯୋଗ, ଉତ୍ତରଦାୟିତ୍ୱ ଓ ଆର୍ଥିକ ସ୍ୱଚ୍ଛତା ବଳରେ ଓମ୍‌ଫେଡ୍ ରାଜ୍ୟର ଏକ ଶ୍ରେଷ୍ଠ ସମବାୟ ସଂସ୍ଥାରେ ପରିଣତ ହେବ ।

ଓଡିଶାର ୨ ଲକ୍ଷ ୮୨ ହଜାର ଚାଷୀଙ୍କର ସମବାୟ ସଂସ୍ଥା ପ୍ରତି ଆସ୍ଥା ଓ ସହଯୋଗରେ ଓମ୍‌ଫେଡ୍ ଆଗକୁ ଯିବାରେ ସଫଳ ହୋଇପାରିଛି । ସେହି ଚାଷୀମାନଙ୍କର ପରିବାରର ଉତ୍ତରୋତ୍ତର ଉନ୍ନତି ପାଇଁ ମୁଁ ଭଗବାନଙ୍କ ପାଖରେ ବିନମ୍ର ପ୍ରଣାମ ଜଣାଉଛି ।

ସରୋଜିନୀ ମିଶ୍ର

୨୪.୧୧.୨୦୧୭

(ଶ୍ରୀମତୀ ସରୋଜିନୀ ମିଶ୍ର)

ଅଧକ୍ଷା, ଓମ୍‌ଫେଡ୍

# ଆମର ସଂକଳ୍ପ

- ଡାଏରୀ ଶିଳ୍ପକୁ ଦ୍ରୁତ ବିକାଶୋନ୍ମୁଖୀ କରି ଅଗଣିତ ଦୁଗ୍ଧ ଚାଷୀଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶରେ ସହାୟତା ପ୍ରଦାନ କରିବା।
- ସମସ୍ତ ଉପଭୋକ୍ତାଙ୍କୁ ସହଜ ଓ ସୁଲଭ ମୂଲ୍ୟରେ ଗୁଣାତ୍ମକମାନର ଖୀର ଓ ଖୀରଜାତ ଦ୍ରବ୍ୟ ଯୋଗାଣ ।
- ଗାଁ ଗାଁ ରେ ଗୋପାଳନ ଜରିଆରେ ଆତ୍ମ ନିଯୁକ୍ତି ଓ ଅପପୁଷ୍ଟି ଦୂରୀକରଣ ତଥା ଦାରିଦ୍ର୍ୟ ଦୂରୀକରଣ କରିବା ।
- ମହିଳାମାନଙ୍କୁ ଗୋପାଳନ ମାଧ୍ୟମରେ ଅର୍ଥନୈତିକ ଦୃଷ୍ଟିରୁ ସଶକ୍ତିକରଣ କରିବା।

# ଓମ୍‌ଫେଡ୍ ନିର୍ଦ୍ଦେଶକ ମଣ୍ଡଳୀ (ତା.୨୪.୧୧.୨୦୧୭ ସୁଦ୍ଧା)



ଶ୍ରୀମତୀ ସରୋଜିନୀ ମିଶ୍ର
ଅଧ୍ୟକ୍ଷା



ଶ୍ରୀ ବିଶାଳ ଗଗନ (ଭା.ପ୍ର.ସେ.)
କମିଶନର ତଥା ସଚିବ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
ପରିଚାଳନା ନିର୍ଦ୍ଦେଶକ, ଓମ୍‌ଫେଡ୍



ଶ୍ରୀଯୁକ୍ତ ରଜନୀ କାନ୍ତ ମଣ୍ଡଳ
ଉପାଧ୍ୟକ୍ଷ



ଶ୍ରୀଯୁକ୍ତ ବୈରାଗୀ ଚରଣ ରାଉତ
ସଦସ୍ୟ



ଶ୍ରୀମତୀ ଜାନକୀ ବେହେରା
ସଦସ୍ୟା



ଶ୍ରୀ ତରୁଣ କୁମାର ଦେହୁରୀ
ସଦସ୍ୟ



ଶ୍ରୀ ରଶ୍ମୀ ରଂଜନ ବଳ
ସଦସ୍ୟ



ଶ୍ରୀ ଶ୍ରୀକାନ୍ତ ଜେନା
ସଦସ୍ୟ



ଶ୍ରୀମତୀ ସ୍ନେହଲତା ମହାନ୍ତି
ସଦସ୍ୟା

# ଓମ୍ଫେଡ୍ ନିର୍ଦ୍ଦେଶକ ମଣ୍ଡଳୀ (ତା.୨୪.୧୧.୨୦୧୭ ସୁଦ୍ଧା)



ଶ୍ରୀ ସତ୍ୟାନନ୍ଦ ରାଉତ
ସଦସ୍ୟ



ଶ୍ରୀ କିଶୋର ଚନ୍ଦ୍ର ପ୍ରଧାନୀ
ସଦସ୍ୟ



ଶ୍ରୀ କୁଂଜବିହାରୀ ରାଉତ
ସଦସ୍ୟ



ଶ୍ରୀମତୀ ସୁଶିଳା ଭୋଇ
ସଦସ୍ୟା



ଶ୍ରୀ ରାଧାକୃଷ୍ଣ ଅଗୁପାତ୍ର
ସଦସ୍ୟ



ଶ୍ରୀମତୀ ହେମଲତା ଲେଙ୍କା
ସଦସ୍ୟା



ଶ୍ରୀମତୀ କନକଲତା ଦଳେଇ
ସଦସ୍ୟା



ଶ୍ରୀମତୀ ପଦ୍ମାବତୀ ଦାସ
ସଦସ୍ୟା



ଶ୍ରୀମତୀ ପଦ୍ମିନୀ ବେହେରା
ସଦସ୍ୟା

# ଓମ୍‌ଫେଡ୍ ନିର୍ଦ୍ଦେଶକ ମଣ୍ଡଳୀ (ତା.୨୪.୧୧.୨୦୧୭ ସୁଦ୍ଧା)



ଶ୍ରୀମତୀ ବାସନ୍ତୀ ଜେନା
ସଦସ୍ୟା



ଶ୍ରୀମତୀ ସାଗରିକା ଢାଲୀ
ସଦସ୍ୟା

**କମିଶନ୍‌ର ଓ ସଚିବ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଓଡିଶା ସରକାର**
**ନିର୍ଦ୍ଦେଶକ, ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ନିର୍ଦ୍ଦେଶାଳୟ, କଟକ**
**ଜିଲ୍ଲାପାଳ ତଥା ମାଜିଷ୍ଟ୍ରେଟ୍, ଖୋର୍ଦ୍ଧା ଓ ପ୍ରଶାସକ, ପୁମୁଲ୍**
**ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି, ଜାତୀୟ ଡାଏରୀ ବିକାଶ ସଂସ୍ଥା, ଆନନ୍ଦ (ଗୁଜୁରାଟ)**

## ସାଧାରଣ ସଂଘ ସଦସ୍ୟ/ସଦସ୍ୟା (General Body Members)

(ତା.୨୪.୧୧.୨୦୧୭ ସୁଦ୍ଧା)

| | | | |
|---|---|---|---|
| ୧. | ଶ୍ରୀମତୀ ସରୋଜିନୀ ମିଶ୍ର | – | ସଭାପତି, କଟକ ଜିଲ୍ଲା ଦୁଗ୍ଧ ସଂଘ ଲିଃ. |
| ୨. | ଶ୍ରୀ ରଜନୀକାନ୍ତ ମଣ୍ଡଳ | – | ସଭାପତି, ଗଞ୍ଜାମ ଗଜପତି ଜିଲ୍ଲା ଦୁଗ୍ଧ ସଂଘ ଲିଃ. |
| ୩. | ଶ୍ରୀ କିଶୋର ଚନ୍ଦ୍ର ପ୍ରଧାନୀ | – | ସଭାପତି, ବଲାଙ୍ଗୀର କଳାହାଣ୍ଡି ନୂଆପଡ଼ା ଜିଲ୍ଲା ଦୁଗ୍ଧ ସଂଘ ଲିଃ. |
| ୪. | ଶ୍ରୀମତୀ ପଦ୍ମିନୀ ବେହେରା | – | ସଭାପତି, ମୟୂରଭଞ୍ଜ ଜିଲ୍ଲା ଦୁଗ୍ଧ ସଂଘ ଲିଃ. |
| ୫. | ଜିଲ୍ଲାପାଳ ଓ ମାଜିଷ୍ଟ୍ରେଟ୍, ଖୋର୍ଦ୍ଧା | – | ପ୍ରଶାସକ, ପୁରୀ ଜିଲ୍ଲା ଦୁଗ୍ଧ ସଂଘ ଲିଃ. (ପୁମୁଲ୍) |



ଶ୍ରୀ ଶତ୍ରୁଘ୍ନ ସାହୁ
ସଭାପତି, ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସଂଘ ଲିଃ.



ଶ୍ରୀ ନିରଞ୍ଜନ ବରାଳ
ସଭାପତି, ଢେଙ୍କାନାଳ ଜିଲ୍ଲା ଦୁଗ୍ଧ ସଂଘ ଲିଃ.



ଶ୍ରୀ ଚିନ୍ତାମଣି ସାହୁ
ସଭାପତି, କେନ୍ଦୁଝର ଜିଲ୍ଲା ଦୁଗ୍ଧ ସଂଘ ଲିଃ.



ଶ୍ରୀ ଶ୍ୟାମ ରାଉତ
ସଭାପତି କୋରାପୁଟ ମାଲକାନଗିରି ନବରଙ୍ଗପୁର ରାୟଗଡ଼ା ଜିଲ୍ଲା ଦୁଗ୍ଧ ସଂଘ ଲିଃ.



ଶ୍ରୀମତୀ ଅହଲ୍ୟା ମହାପାତ୍ର
ସଭାପତି, ବାଲେଶ୍ୱର ଭଦ୍ରକ ଜିଲ୍ଲା ଦୁଗ୍ଧ ସଂଘ ଲିଃ.

## ଦୁଗ୍ଧ ସଂଗ୍ରହ

ଆର୍ଥିକ ବର୍ଷ ୨୦୧୧-୧୨ରେ ଓମ୍‌ଫେଡ୍ ଦୁଗ୍ଧ ସଂଗ୍ରହ ଦୈନିକ ୩,୭୦,୧୭୯ କି.ଗ୍ରା କରିଥିବା ବେଳେ ତାହା ୨୦୧୨-୧୩ ବର୍ଷରେ ୩,୭୮,୯୩୬ କି.ଗ୍ରା ଦୈନିକ ସଂଗ୍ରହ କରିପାରିଛି ।



## ଦୁଗ୍ଧ ସମବାୟ ସମିତି :

ମାର୍ଚ୍ଚ ୨୦୧୩ ସୁଦ୍ଧା ୫୧୫୫ ଟି ଦୁଗ୍ଧ ସମବାୟ ସମିତି ଗଠିତ ହୋଇପାରିଛି ଓ ୩୬୬୭ଟି ଦୁଗ୍ଧସମିତି କାର୍ଯ୍ୟକ୍ଷମ ହୋଇପାରିଛି । ଦୁଗ୍ଧ ସମବାୟ ସମିତିର ପଂଜୀକୃତ ଚାଷୀଙ୍କ ଉନ୍ନତିକଳ୍ପେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି ।

## ପଶୁପାଳନ ଓ କୃତ୍ରିମ ପ୍ରଜନନ :

ଦୁଗ୍ଧଚାଷୀ ସଭ୍ୟଙ୍କ ପଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ ଓ କୃତ୍ରିମ ପ୍ରଜନନର ସୁବିଧା ଓମ୍‌ଫେଡ୍ ଜିଲ୍ଲା ଦୁଗ୍ଧସଂଘ ମାଧ୍ୟମରେ ଯୋଗାଇ ଦେଉଛି । ଏ ପର୍ଯ୍ୟନ୍ତ ୧୧୨୦ଟି କୃତ୍ରିମ ପ୍ରଜନନ କେନ୍ଦ୍ର ଖୋଲାଯାଇଛି ଓ ବାର୍ଷିକ ପ୍ରାୟ ୨,୭୫,୦୮୯ଟି କୃତ୍ରିମ ପ୍ରଜନନ କରାଯାଇପାରୁଛି ।

## ଓମ୍‌ଫେଡ୍ ତାଲିମ୍ ଓ ପ୍ରଶିକ୍ଷଣ କେନ୍ଦ୍ର, ଜଗନ୍ନାଥପୁର :

ଏହି ତାଲିମ୍ ଓ ପ୍ରଶିକ୍ଷଣ କେନ୍ଦ୍ରରେ ନିୟମିତ ଭାବେ ପଶୁପାଳନ, ସମିତି ପରିଚାଳନା, ଦୁଗ୍ଧପରୀକ୍ଷା, ଦୁଗ୍ଧଚାଷୀ ଅଭିମୁଖୀକରଣ କାର୍ଯ୍ୟକ୍ରମ, ପଶୁମାନଙ୍କ ପାଇଁ ପ୍ରାଥମିକ ଚିକିତ୍ସା, କୃତ୍ରିମ ପ୍ରଜନନ, କ୍ଷୀର ପରୀକ୍ଷା, ସମିତି ସଂପାଦକ/ସଂପାଦିକା ତଥା କୃତ୍ରିମ ପ୍ରଜନନକାରୀଙ୍କୁ ବିଭିନ୍ନ ବିଷୟରେ ତାଲିମ୍ ପ୍ରଦାନ କରୁଅଛି ।

## ଗୋଖାଦ୍ୟ କାରଖାନା, ରାଧାଦାମୋଦରପୁର :

କଟକ ଜିଲ୍ଲାର ରାଧାଦାମୋଦରପୁରଠାରେ ଗୋଖାଦ୍ୟ କାରଖାନାର ଦୈନିକ ସାମର୍ଥ୍ୟ ୧୫୦ ମେଟ୍ରିକ୍ ଟନ୍ ରହିଅଛି । ଏଠାରୁ ଗୋଖାଦ୍ୟ ଓ ଖଣିଜଲବଣ ପ୍ରସ୍ତୁତ କରି ରିହାତି ଦରରେ ପଂଜୀକୃତ ଦୁଗ୍ଧଚାଷୀଙ୍କୁ ସମିତି ଜରିଆରେ ଯୋଗାଇ ଦେଉଛି । ସନ୍ତୁଳିତ ଗୋଖାଦ୍ୟ ପ୍ରସ୍ତୁତ କରିବା ଯୋଗୁଁ ଦୁଗ୍ଧ ଉତ୍ପାଦନର ମାନ ଯଥେଷ୍ଟ ବୃଦ୍ଧିପାଇଛି । ଗତ ୨୦୧୧-୧୨ ବର୍ଷ ରେ ୬୧,୯୦୪ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଉତ୍ପାଦନ କରି ଯୋଗାଇ ଦିଆଯାଇଥିବା ବେଳେ ୨୦୧୨-୧୩ ବର୍ଷରେ ୫୮,୦୬୩ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଦୁଗ୍ଧଚାଷୀଙ୍କୁ ଯୋଗାଇଦେଇଛି ।

## ଭୁବନେଶ୍ୱର ଡାଏରୀ :

ଭୁବନେଶ୍ୱରସ୍ଥ ଚନ୍ଦ୍ରଶେଖରପୁରରେ ଏହି ସର୍ବ ବୃହତ୍ ଡାଏରୀଟି ଦୈନିକ ୨,୫୦,୦୦୦ ଲିଟର ସାମର୍ଥ୍ୟ ହାସଲ କରିବାପରେ ଏଠାରେ ଶୀତଳୀକରଣ, ପ୍ରକ୍ରିୟାକରଣ, ଦ୍ୱିମୀକୃତ ଓ ପ୍ରସ୍ତୁତିକରଣ କାର୍ଯ୍ୟ ବୃଦ୍ଧିପାଇଛି । ଏହି ଡେରୀରେ ୨ ପ୍ରକାର ଖୀର ଯଥା ଟୋନ୍‌ଡ ଓ ଡବଲ ଟୋନ୍‌ଡ ଦୁଗ୍ଧ ଖାଉଟିଙ୍କ ପାଇଁ ପ୍ରସ୍ତୁତ ହେବାବେଳେ ସୁବାସିତ ଦୁଗ୍ଧ, ଘିଅ,ମିଠାଦହି, ସାଦାଦହି, ପନୀର୍, ଛେନାପୋଡ, ଲସି, ଟେବୁଲ୍ ବଟର, ଆଇସକ୍ରିମ୍ ଆଦି ଖୀରଜାତ ପଦାର୍ଥ ପ୍ରସ୍ତୁତ କରି ଅଧିକୃତ ବୁଥ୍ ମାଧ୍ୟମରେ ଖାଉଟୀମାନଙ୍କୁ ଯୋଗାଇ ଦିଆଯାଉଛି । କ୍ଷୀର ଓ କ୍ଷୀରଜାତ ଦ୍ରବ୍ୟର ଗୁଣାତ୍ମକମାନ ବୃଦ୍ଧି ଓ ପ୍ୟାକେଜିଂକୁ ଆକର୍ଷଣୀୟ କରିବା ଫଳରେ ଖାଉଟୀମାନେ ଓମ୍‌ଫେଡ୍ ପ୍ରସ୍ତୁତ ଦ୍ରବ୍ୟାଦିକୁ ପସନ୍ଦ କରୁଛନ୍ତି ।

## ରାଉରକେଲା ଡାଏରୀ :

ଏହି ଡାଏରୀର ସାମର୍ଥ୍ୟ ଏବେ ଦୈନିକ ୩୦୦୦୦ ଲିଟର । ସମଲେଶ୍ୱରୀ ଦୁଗ୍ଧ ସଂଘର ଦୁଗ୍ଧକୁ ସମ୍ବଲପୁର ଡେରୀ ସଂଗ୍ରହ କରି ବଳକା ହେଉଥିବା ଦୁଗ୍ଧକୁ ରାଉରକେଲା ଡାଏରୀକୁ ପଠାଇଥାଏ । ଏଠାରେ ମଧ୍ୟ ଖୀର ଓ ଖୀରଜାତ ସାମଗ୍ରୀ ପ୍ରସ୍ତୁତହୋଇ ରାଉରକେଲା, ସମ୍ବଲପୁର, ବ୍ରଜରାଜନଗର ଓ ଅନ୍ୟାନ୍ୟ ସହରାଂଚଳର ଖାଉଟି ଜନସାଧାରଣଙ୍କୁ ଯୋଗାଇ ଦିଆଯାଏ ।

## ସମ୍ବଲପୁର ଡାଏରୀ :

ସମ୍ବଲପୁର ଡାଏରୀରେ ଖୀର ଓ ସମସ୍ତ ପ୍ରକାର ଖୀରଜାତ ସାମଗ୍ରୀ ପ୍ରସ୍ତୁତ କରାଯାଇ ପଶ୍ଚିମାଂଚଳ ଜିଲ୍ଲାର ଖାଉଟୀମାନଙ୍କୁ ଗୁଣାତ୍ମକମାନରେ ଯୋଗାଇ ଦିଆଯାଉଅଛି ।

## ବାଲେଶ୍ୱର ଡାଏରୀ:

ବାଲେଶ୍ୱର ଡାଏରୀଟି ରେମୁଣାରେ ଅବସ୍ଥିତ । ଏହାର ଦୈନିକ କ୍ଷମତା ୫୦୦୦୦ ଲିଟର । ଏହି ଡାଏରୀଟି ଭଦ୍ରକ, ମୟୂରଭଂଜ, ବାଲେଶ୍ୱର ଜିଲ୍ଲାର ଦୁଗ୍ଧ ସଂଗ୍ରହକରି କ୍ଷୀର ଓ କ୍ଷୀରଜାତ ପଦାର୍ଥ ପ୍ରସ୍ତୁତକରି ଖାଉଟି ଜନସାଧାରଣଙ୍କୁ ଯୋଗାଇଦେଉଛି । ଉତ୍ତର ଓଡିଶାର ଦୁଗ୍ଧଚାଷୀ ବର୍ଷତମାମ ଦୁଗ୍ଧ ଯୋଗାଇଦେଇ ନିଜର ଆର୍ଥିକ ମାନଦଣ୍ଡ ଉନ୍ନତି କରିବାରେ ଲାଗିପଡିଛନ୍ତି ।

## ଅନ୍ୟାନ୍ୟ ଡେରୀ :

ବ୍ରହ୍ମପୁର, ଜୟପୁର, ଭବାନୀପାଟଣା, ଢେଙ୍କାନାଳ ଓ କେନ୍ଦୁଝରରେ ଥିବା ଡେରୀରୁ କ୍ଷୀର ଓ କ୍ଷୀରଜାତ ଦ୍ରବ୍ୟ ପ୍ରସ୍ତୁତକରି ନିଜ ଜିଲ୍ଲା ତଥା ଆଖପାଖ ଜିଲ୍ଲାର ଖାଉଟୀମାନଙ୍କୁ ଯୋଗାଇ ଦିଆଯାଉଛି ।

## ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀ ବିକ୍ରୟ :

ଓମ୍‌ଫେଡ୍ ଦୁଇ ପ୍ରକାରର ଜୀବାଣୁମୁକ୍ତ କ୍ଷୀର ଯଥା ଟୋନ୍‌ଡ ଓ ଡବଲ୍ ଟୋନ୍‌ଡ ଦୁଗ୍ଧ ଭାରତ ସରକାରଙ୍କ ଖାଦ୍ୟ ଅପମିଶ୍ରଣ ନିରୋଧ ଆଇନ୍ ଅନୁଯାୟୀ ପ୍ରସ୍ତୁତ କରି ୫୦୦ ମି.ଲି ପ୍ୟାକେଟ୍‌ରେ ବଜାରକୁ ଯୋଗାଇଦେଉଛି । ଗତ ୨୦୧୧-୧୨ ବର୍ଷ ଦୈନିକ ୪,୨୦,୧୦୦ ଲିଟର ବିକ୍ରିବେଳେ ୨୦୧୨-୧୩ ବର୍ଷରେ ତାହା ଦୈନିକ ୪,୨୪,୪୪୦ଲିଟରରେ ପହଞ୍ଚିପାରିଛି । ଏହାଛଡ଼ା ଖୀରଜାତ ସାମଗ୍ରୀ ଯଥା ଘିଅ, ମିଠାଦହି, ସାଦାଦହି, ଘୋଳଦହି, ସୁବାସିତ ଦୁଗ୍ଧ, ପନୀର୍, ଲସି, ଖୀରା, ଛେନାପୋଡ, ଆଇସକ୍ରିମ୍ ଓ ଫଳଚାଷୀଙ୍କ ସ୍ୱାର୍ଥକୁ ଆଖି

ଆଗରେ ରଖି ଉଦ୍ୟାନଜାତ ସାମଗ୍ରୀ ଯଥା ସ୍କ୍ୱାସ୍, ଜାମ୍, ସସ୍, ଆଚାର ଓ ଲସି ତଥା କନ୍ଧମାଳ ଜିଲ୍ଲାର ହଳଦୀ ଓମ୍‌ଫେଡ୍ ବ୍ରାଣ୍ଡରେ ଗୁଣାତ୍ମକ ମାନରେ ପ୍ରସ୍ତୁତ କରି ଖାଉଟିମାନଙ୍କୁ ଯୋଗାଇ ଦିଆଯାଉଛି ।

## ଜିଲ୍ଲା ଦୁଗ୍ଧ ସଂଘ :

ରାଜ୍ୟରେ ଥିବା ୧୧ଗୋଟି ଜିଲ୍ଲା ଦୁଗ୍ଧ ସଂଘ ଯଥା କଟକ, ପୁରୀ, ଗଂଜାମ ଗଜପତି, ଢେଙ୍କାନାଳ, ସମ୍ବଲପୁର, ଭଦ୍ରକ ବାଲେଶ୍ୱର, କେନ୍ଦୁଝର, ବଲାଙ୍ଗୀର କଳାହାଣ୍ଡି ନୂଆପଡା, କୋରାପୁଟ ମାଲ୍‌କାନାଗିରି ନବରଙ୍ଗପୁର, ରାୟଗଡା, ମୟୂରଭଞ୍ଜ ଓ ସୁନ୍ଦରଗଡ ଜିଲ୍ଲାର ସମସ୍ତ ବଲକା କ୍ଷୀର ବିଭିନ୍ନ ଶୀତଳୀକରଣ କେନ୍ଦ୍ରରେ ତଥା ବଲ୍କ କୁଲରରେ ଦୁଇ ବେଳାରେ ସଂଗୃହୀତ ହେବାପରେ ଓମ୍‌ଫେଡ୍‌ର ଡାଏରୀକୁ ପ୍ରକ୍ରିୟାକରଣ ନିମନ୍ତେ ପଠାଇଥାନ୍ତି ।

## ୨୦୧୧-୧୨ ବର୍ଷରୁ ୨୦୧୨-୧୩ ବର୍ଷ ମଧ୍ୟରେ କ୍ଷୀର ଓ କ୍ଷୀରଜାତ ସାମଗ୍ରୀ ବିକ୍ରୟ :

| | ୨୦୧୧-୧୨ | ୨୦୧୨-୧୩ |
|---|---|---|
| କ୍ଷୀର (ଦୈନିକ LLPD) | ୪,୨୦.୧୦୦ | ୪,୨୪,୪୪୦ |
| ଘିଅ (ମେ.ଟ) | ୪,୩୩,୫୨୨ | ୬,୦୬,୦୩୬ |
| ମିଠାଦହି (କି.ଗ୍ରା) | ୭,୨୭,୩୯୧ | ୬,୦୯,୦୮୨ |
| ସାଦାଦହି (କି.ଗ୍ରା) | ୬୮,୮୮,୮୫୩ | ୭୮,୮୫,୦୩୦ |
| ଘୋଳଦହି (କି.ଗ୍ରା) | ୫୯,୧୪,୭୮୯ | ୬୩,୧୩,୭୧୬ |
| ସୁବାସିତ ଦୁଗ୍ଧ (Bottle) | ୧୯,୦୮,୭୫୬ | ୧୭,୯୬,୫୪୨ |
| ପନୀର୍ (କି.ଗ୍ରା) | ୪୧୧୬୭୧ | ୪,୩୪,୨୮୬ |
| ଲସି (ନମ୍ବର) | ୫୬,୦୧,୧୫୩ | ୩୨,୬୩,୨୨୭ |
| ଛେନାପୋଡ (କି.ଗ୍ରା) | ୩୩,୯୫୬ | ୨୦,୨୭୦ |
| କ୍ଷୀରା(କି.ଗ୍ରା.) | ୨,୨୧,୧୧୧ | ୨,୨୨,୨୦୮ |
| ଆଇସ୍କ୍ରିମ୍ (ଲିଟର) | ୫,୪୬,୨୧୫ | ୭,୪୧,୬୩୭ |
| ଟେବଲ ବଟର (କି.ଗ୍ରା.) | ୫,୬୯୦ | ୩,୬୪୨ |

## ତା.୨୪.୧୧.୨୦୧୭ଅନୁଯାୟୀ ଭବିଷ୍ୟତ ଯୋଜନା

### ୧. ଆଇସ୍କ୍ରିମ୍ କାରଖାନା, ସମ୍ବଲପୁର

ସମ୍ବଲପୁର ଡାଏରୀ ପରିସରରେ ୩୦୦୦ ଲିଟର କ୍ଷମତା ବିଶିଷ୍ଟ ଏକ ନୂତନ ଆଇସ୍କ୍ରିମ୍ କାରଖାନା ୬୪୮ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପନା କାର୍ଯ୍ୟ ଚାଲୁ ରହିଛି ଯାହାକି ଆସନ୍ତା ୨୦୧୮ ସୁଦ୍ଧା କାର୍ଯ୍ୟକ୍ଷମ ହେବ । ଏଠାରୁ ବିଭିନ୍ନ ପ୍ରକାରର ଆଇସ୍କ୍ରିମ୍ ଉତ୍ପାଦନ କରାଯାଇ ପଶ୍ଚିମାଞ୍ଚଳ ଜିଲ୍ଲାର ଉପଭୋକ୍ତା ମାନଙ୍କୁ ଯୋଗାଇ ଦିଆଯିବ । ଏଥିପାଇଁ ଭାରତ ସରକାର ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଶତକଡା ୭୫ ଭାଗ ପାଣ୍ଠି ଯୋଗାଇ ଦେଇଥିବା ସ୍ଥଳେ ଓମ୍‌ଫେଡ୍ ୨୫ ଭାଗ ଖର୍ଚ୍ଚ ବହନ କରୁଛି ।

### ୨. ଆଇସ୍କ୍ରିମ୍ କାରଖାନା, ଭବାନୀପାଟଣା

ଭାରତ ସରକାରଂକ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଭବାନୀପାଟଣା ଡାଏରୀ ପରିସରରେ ୩୦୦୦ ଲିଟର କ୍ଷମତା ବିଶିଷ୍ଟ ଆଇସ୍କ୍ରିମ୍ ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଚାଲୁରହିଛି । ସର୍ବମୋଟ ଖର୍ଚ୍ଚ ୬୪୮ ଲକ୍ଷ ଟଙ୍କା । ଏଥିପାଇଁ ଭାରତ ସରକାର ୭୫ ଭାଗ ଅନୁଦାନ ଦେବାବେଳେ ଓମ୍‌ଫେଡ୍ ୨୫ ଭାଗ ଖର୍ଚ୍ଚ ବହନ କରୁଅଛି । ଆସନ୍ତା ୨୦୧୮ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

### ୩. ଅତ୍ୟାଧୁନିକ ଓମ୍‌ଫେଡ୍ ଡାଏରୀ, ବାରଙ୍ଗ

ରାଜ୍ୟ ସରକାର କଟକ ଜିଲ୍ଲା ଅନ୍ତର୍ଗତ ବାରଙ୍ଗ ତହସିଲ୍ ଅରିଲୋ ଓ ଗୋବିନ୍ଦପୁର ମୌଜାରେ ଆଉ ଏକ ୫ ଲକ୍ଷ ଲିଟର ସ୍ୱୟଂଚାଳିତ ଡାଏରୀ ସ୍ଥାପନା କରିବାପାଇଁ ୫୧ ଏକର ଜାଗା ଓମ୍‌ଫେଡ୍‌କୁ ପ୍ରଦାନ କରିଛନ୍ତି । ଓମ୍‌ଫେଡ୍ ଏହି ଇଲାକାକୁ ଚିହ୍ନଟ କରିସାରିଛି । ରାଜ୍ୟରେ ଆଶାତୀତ ଦୁଗ୍ଧ ସଂଗ୍ରହକୁ ଆଖିରେ ରଖି ଏହି ପ୍ଲାଣ୍ଟ ସ୍ଥାପନା କରାଯାଉଛି ।

ଏଥିପାଇଁ ନାବାର୍ଡ ୨୪୪ କୋଟି ୩୪ ଲକ୍ଷ ଟଙ୍କା ଗ୍ରାମୀଣ ଭିତିଭୂମି ବିକାଶ ପାଣ୍ଠି ୨୨ରୁ ମଂଜୁର କରଛନ୍ତି । ଏହି ପ୍ଲାଣ୍ଟରେ ବିଭିନ୍ନ ପ୍ରକାର କ୍ଷୀର ଓ କ୍ଷୀରଜାତ ଦ୍ରବ୍ୟ ପ୍ରସ୍ତୁତ କରାଯାଇ ଉପଭୋକ୍ତାଂକୁ ଉପଲବ୍ଧ କରାଯିବ ।

### ୪. ସୋନପୁର ଡାଏରୀ

ଭାରତ ସରକାରଙ୍କ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ସୋନପୁର ଜିଲ୍ଲାର ହରିଡାଖୋଲ ଅଂଚଳରେ ଏକ ୫୦୦୦୦ ଲିଟର ସାମର୍ଥ୍ୟ ବିଶିଷ୍ଟ ଡାଏରୀ ସ୍ଥାପନା କରିବାପାଇଁ ରାଜ୍ୟ ସରକାର (୫) ପାଞ୍ଚ ଏକର ପରିମିତ ସ୍ଥାନ ପ୍ରଦାନ କରିଛନ୍ତି ଯାହାର କି ଚିହ୍ନଟ ପ୍ରକ୍ରିୟା କରାଯାଇଅଛି । ଜୁନ୍ ୨୦୧୯ ସୁଦ୍ଧା ଡାଏରୀ ସ୍ଥାପନା ହେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ

କରାଯାଇଅଛି । ସୋନପୁର ଓ ବଲାଂଗୀର ଜିଲ୍ଲାର ଆଶାତୀତ ଦୁଗ୍ଧ ସଂଗ୍ରହକୁ ଲକ୍ଷ୍ୟ କରି ସୋନପୁର ଡାଏରୀ ପ୍ରତିଷ୍ଠା କରାଯାଉଛି । ଏଠାରୁ କ୍ଷୀର ଓ କ୍ଷୀରଜାତ ଦ୍ରବ୍ୟ ପ୍ରସ୍ତୁତ କରି ସୋନପୁର ଓ ବଲାଂଗୀର ଜିଲ୍ଲାର ଖାଉଟୀଙ୍କୁ ଉପଲବ୍ଧ କରାଯିବ ।

## ବିଭିନ୍ନ କେନ୍ଦ୍ରୀୟ ପ୍ରାୟୋଜିତ କାର୍ଯ୍ୟକ୍ରମ (Central Sponsored Scheme)

### ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ କାର୍ଯ୍ୟକ୍ରମ-୧

୨୦୦୪-୦୫ ବର୍ଷରୁ ୨୦୦୬-୦୭ ବର୍ଷ ପର୍ଯ୍ୟନ୍ତ କଟକ, ଜଗତ୍ସିଂହପୁର, କେନ୍ଦ୍ରାପଡା, ପୁରୀ, ଖୋର୍ଦ୍ଧା, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ କାର୍ଯ୍ୟକ୍ରମରେ ସର୍ବମୋଟ୍ ୩୧୪.୯୪ ଲକ୍ଷ ଟଙ୍କା ଭାରତ ସରକାର ଅନୁଦାନ ଦେଇଥିଲେ, ଯେଉଁଥିରେ ଦୁଗ୍ଧ ଚାଷୀମାନଙ୍କୁ ତାଲିମ୍, ସାଫ୍‌କିଟ୍, ଷ୍ଟିଲ୍ କେନ୍ ଆଦି ମାଗଣାରେ ଯୋଗାଇ ଦିଆଯାଇଥିଲା ।

### ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ କାର୍ଯ୍ୟକ୍ରମ-୨

ସମ୍ବଲପୁର, ବରଗଡ, ଝାରସୁଗୁଡା, ସୋନପୁର, ଦେବଗଡ, କେନ୍ଦୁଝର ଓ ଗଂଜାମ ଜିଲ୍ଲାର ଦୁଗ୍ଧଚାଷୀମାନଙ୍କୁ ୨୦୦୪-୦୫ ବର୍ଷରୁ ୨୦୦୬-୦୭ ବର୍ଷ ପର୍ଯ୍ୟନ୍ତ ୨୪୯.୬୪ ଲକ୍ଷ ଟଙ୍କା ଭାରତ ସରକାରଙ୍କଠାରୁ ଅନୁଦାନ ପାଇ ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ପାଇଁ କାର୍ଯ୍ୟକ୍ରମରେ ବିଭିନ୍ନ ସାଜ ସରଂଜାମ ଦୁଗ୍ଧଚାଷୀଙ୍କୁ ଯୋଗାଇ ଦିଆଯାଇଥିଲା ।

### ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ କାର୍ଯ୍ୟକ୍ରମ-୩

୨୦୦୯-୧୦ ବର୍ଷରୁ ୨୦୧୧-୧୨ ବର୍ଷ ମଧ୍ୟରେ କୋରାପୁଟ, ମାଲକାନାଗିରି, ନବରଂଗପୁର, ରାୟଗଡା, ବଲାଙ୍ଗୀର, କଳାହାଣ୍ଡି, ନୂଆପଡା ଓ ଗଜପତି ଜିଲ୍ଲାର ଦୁଗ୍ଧଚାଷୀଙ୍କୁ ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ କାର୍ଯ୍ୟକ୍ରମ ପାଇଁ ଭାରତ ସରକାର ୧୫୩.୪୯ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି ।

### ସମନ୍ୱିତ ଡାଏରୀ ବିକାଶ କାର୍ଯ୍ୟକ୍ରମ (IDDP)

ଭାରତ ସରକାରଙ୍କ ସମନ୍ୱିତ ଡାଏରୀ ବିକାଶ ଯୋଜନା-୫ ରେ ୨୦୦୫-୦୬ ବର୍ଷରୁ ୨୦୦୯-୧୦ ବର୍ଷ ପର୍ଯ୍ୟନ୍ତ ବାଲେଶ୍ୱର ଭଦ୍ରକ ଓ ମୟୂରଭଂଜ ଜିଲ୍ଲାରେ ୫୫୬.୧୬ ଲକ୍ଷ ଟଙ୍କା ବିନିଯୋଗ କରାଯାଇଅଛି ।

ସମନ୍ୱିତ ଡାଏରୀ ବିକାଶ ଯୋଜନା-୬ ର ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡା ଜିଲ୍ଲାରେ ୨୦୦୬-୦୭ ବର୍ଷରୁ ୨୦୧୦-୧୧ ବର୍ଷ ମଧ୍ୟରେ ୫୬୩.୯୭ ଲକ୍ଷ ଟଙ୍କା ବିନିଯୋଗ କରାଯାଇଅଛି ।

**ଆଇଡିଡିପି-୭** ରେ ଜଗତ୍‌ସିଂହପୁର, କେନ୍ଦ୍ରାପଡା ଓ ନୟାଗଡ ଜିଲ୍ଲାରେ ୨୦୦୮-୦୯ ବର୍ଷରୁ ୨୦୧୨-୧୩ ବର୍ଷ ପର୍ଯ୍ୟନ୍ତ ୭୦୨.୧୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଅଛି ।

# ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା କାର୍ଯ୍ୟକ୍ରମ

**(୨୦୦୮-୦୯ ବର୍ଷରୁ ୨୦୧୨-୧୩ ବର୍ଷ ପର୍ଯ୍ୟନ୍ତ)**

| ବର୍ଷ | ଅନୁଦାନ ରାଶି (ଲକ୍ଷ ଟଙ୍କା) | ଜିଲ୍ଲା |
|---|---|---|
| ୨୦୦୮-୦୯ ରୁ ୨୦୧୦-୧୧ | ୨୫୫.୯୫ ଲକ୍ଷ | ଭବାନୀପାଟଣା ଡାଏରୀର କ୍ଷମତା ସଂପ୍ରସାରଣ |
| ୨୦୦୯-୧୦ ରୁ ୨୦୧୧-୧୨ | ୧୯୮.୭୭ ଲକ୍ଷ | ଭୁବନେଶ୍ୱର ଡାଏରୀରେ ଆଇସ୍କ୍ରିମ୍ ପ୍ଲାଣ୍ଟ ସ୍ଥାପନା |
| ୨୦୦୯-୧୦ ରୁ ୨୦୧୧-୧୨ | ୧୭୫.୭୭ ଲକ୍ଷ | ଫଳଜାତ ଦ୍ରବ୍ୟରେ ମୂଲ୍ୟ ଯୋଗ |
| ୨୦୧୦-୧୧ ରୁ ୨୦୧୨-୧୩ | ୩୭୯.୧୦ ଲକ୍ଷ | କଳାହାଣ୍ଡି |
| ୨୦୧୦-୧୧ ରୁ ୨୦୧୨-୧୩ | ୬୦୧.୨୮ ଲକ୍ଷ | ଅନୁଗୁଳ |
| ୨୦୧୦-୧୧ ରୁ ୨୦୧୨-୧୩ | ୨୩୨.୧୦ ଲକ୍ଷ | ଓମ୍‌ଫେଡ୍ ମୁଖ୍ୟ କାର୍ଯ୍ୟାଳୟ ଓ ଓଏମ୍‌ଟିଡିସି |
| ୨୦୧୨-୧୩ | ୨୬୬୦.୦୦ ଲକ୍ଷ | ୧୫୦ ମେ.ଟ କ୍ଷମତା ବିଶିଷ୍ଟ ନୂତନ ଗୋଖାଦ୍ୟ କାରଖାନା, ଜଗନ୍ନାଥପୁର |
| ୨୦୧୨-୧୩ | ୫୯.୦୦ ଲକ୍ଷ | ଉମରକୋଟ୍‌ରେ ୧୦୦୦୦ ଲିଟର କ୍ଷମତା ବିଶିଷ୍ଟ ଶୀତଳୀକରଣ କେନ୍ଦ୍ର ସ୍ଥାପନା |
| ୨୦୧୧-୧୨ | ୬୧୮.୦୦ ଲକ୍ଷ | National Mission for Protein Supplement (**ବଲ୍କ ମିଲ୍କ କୁଲର୍** ସ୍ଥାପନା ଓ ରୋଡ୍ ମିଲ୍କ ଟ୍ୟାଙ୍କର ଯୋଗାଣ) |
| ୨୦୧୨-୧୩ | ୫୧୦.୦୦ ଲକ୍ଷ | କଂକ୍ରିଟ୍ ଗୁହାଳ ନିର୍ମାଣ |
| ୨୦୧୨-୧୩ | ୪୫.୦୦ ଲକ୍ଷ | ଭୁବନେଶ୍ୱର ଡାଏରୀ ଆଇସ୍କ୍ରିମ୍ ପ୍ଲାଣ୍ଟର ସଶକ୍ତିକରଣ |
| ୨୦୧୨-୧୩ | ୩୭.୫ ଲକ୍ଷ | ବ୍ରହ୍ମପୁର ଡାଏରୀର କ୍ଷମତା ବୃଦ୍ଧି |
| ୨୦୧୨-୧୩ | ୨୦.୦୦ ଲକ୍ଷ | କ୍ଷୀରଦୁହାଁ ଯନ୍ତ୍ର ଯୋଗାଣ |

## No.of DCS organised




## No.of DCS functional



# Membership (Nos.)




# Milk Procurement (KPD)



## Cattle Feed Sale ( MT)




## A.I. Centre (Nos.)



## A.I. Done (Nos.)




## Calf Born (IN Nos.)



## SALES TURN OVER FROM 2008-09 TO 2012-13( ₹ in Crores.)




## Profit & Loss (in Crores)



# Trading and Profit & Loss Account

## For the financial year ended 31st March 2013

| Previous Year Amount (Rs.) | Particulars | SCH. | Current Year Amount (Rs.) | Previous Year Amount (Rs.) | Particulars | SCH. | Current Year Amount (Rs.) |
|---|---|---|---|---|---|---|---|
| 155,200,092.11 | Opening Stock | - | 256,997,652.58 | 4,659,542,762.21 | Sales | 9 | 5,222,277,443.76 |
| 245,685,643.84 | Inter Unit Stock Transfer | 12 | 216,926,234.52 | 245,685,643.84 | Inter Unit Stock Transfer | 10 | 217,195,478.52 |
| 3,971,620,382.72 | Purchase of Raw Materials | 13 | 4,333,807,843.80 | 2,104,028.26 | Sale of Scraps | 11 | 2,991,603.85 |
| 171,320,056.74 | Purchase of Packing Materials | 14 | 191,116,596.90 | 256,997,652.58 | Closing Stocks | - | 301,763,196.16 |
| 172,653,755.21 | Processing Expenses | 15 | 198,851,493.52 | | | | |
| 174,234,079.87 | Selling & Distribution Expenses | 16 | 198,667,102.91 | | | | |
| 273,616,076.40 | Gross Profit C/f | - | 347,860,798.06 | - | Gross Loss C/f | | - |
| **5,164,330,086.89** | **Total** | | **5,744,227,722.29** | **5,164,330,086.89** | **Total** | | **5,744,227,722.29** |
| - | Gross Loss B/f | | - | 273,616,076.40 | Gross Profit B/f | - | 347,860,798.06 |
| 197,810,226.05 | Employee's Cost & Welfare | 19 | 215,826,135.40 | - | Training Fees | 17 | - |
| 35,136,143.76 | Establishment & Administrative Expenses | 20 | 41,753,462.44 | 9,481,934.45 | Miscellaneous Receipts | 18 | 11,508,827.97 |
| 19,665,725.39 | Technical Input/Training ) Expenses(OMTDC | 21 | 30,036,140.45 | | | | |
| 7,633,898.60 | Advertisement & Sales Promotion Expenses | 21 | 7,283,163.45 | | | | |
| 1,988,827.00 | Audit/Professional Fees | 21 | 2,029,613.76 | | | | |
| 20,863,190.05 | Net Profit Before Interest & Depreciation etc. | | 62,441,110.53 | - | Net Loss Before Interest & Depreciation etc. | | - |
| **283,098,010.85** | **Total** | | **359,369,626.03** | **283,098,010.85** | **Total** | | **359,369,626.03** |
| - | Net Loss Before Interest & Depreciation etc. | | - | 20,863,190.05 | Net Profit Before Interest & Depreciation etc. | | 62,441,110.53 |
| 33,734,384.27 | Interest & Guarantee Fees | 21 | 21,554,049.70 | 33,622,995.26 | Interest & Commission | 17 | 33,096,875.75 |
| 23,893,678.99 | Depreciation | | 31,818,405.71 | - | Interest & Commission from Milk Unions | 17 | - |
| - | Provision for Doubtfull Debts | | - | | | | |
| - | Provision for Income Tax | | - | | | | |
| - | Provision for Fringe Benefit Tax(FBT) | | - | | | | |
| - | Provision for Others(if any) | | - | | | | |
| (3,141,877.95) | Net Profit Before Appropriation C/f | | 42,165,530.87 | - | Net Loss Before Appropriation C/f | | |
| **54,486,185.31** | **Total** | | **95,537,986.28** | **54,486,185.31** | **Total** | | **95,537,986.28** |
| - | Net Loss B/f from Previous Year | | - | 96,883,487.19 | Net Profit B/f from Previous Year | | 78,683,573.95 |
| - | Net Loss Before Appropriation B/f | | - | (3,141,877.95) | Net Profit Before Appropriation B/f | | 42,165,530.87 |
| 584,694.15 | Prior Period Expenses | | 11,383,177.35 | - | Prior Period Income | | 2,066,602.47 |
| 12,477,018.19 | Transfer to Reserve Fund | | - | | | | |
| 1,996,322.95 | Transfer to Co-operative Education Fund | | 15,000.00 | | | | |
| 78,683,573.95 | Net Profit Transferred to Balance Sheet | | 111,517,529.94 | - | Net Loss Transferred to Balance Sheet | | - |
| **93,741,609.24** | **Total** | | **122,915,707.29** | **93,741,609.24** | **Total** | | **122,915,707.29** |

**Sri S.C. Altia, ACA**
Dy.Gen. Manager (Finance)

**Sri Madhusudan Padhi (IAS)**
Managing Director

**CA S.C. Prusty, FCA**
Chartered Accountant

# Balance Sheet as on 31st March 2013

| LIABILITIES | | | | | ASSETS | | | | |
|---|---|---|---|---|---|---|---|---|---|
| Previous Year Amount (Rs.) | Particulars | SCH. | Current Year Amount (Rs.) | Current Year Amount (Rs.) | Previous Year Amount (Rs.) | Particulars | SCH. | Current Year Amount (Rs.) | Current Year Amount (Rs.) |
| | **SHARE CAPITAL:** | 1 | | | | **FIXED ASSETS:** | 6A | | |
| 100,000,000.00 | Authorised Share Capital | | **100,000,000.00** | | **212,206,519.88** | Net Block | | | **186,607,174.85** |
| 99,938,000.00 | Subscribed & Paid Up Equity Share Capital (99,938 Nos of Rs.1,000/- each) | | 99,938,000.00 | | 91,280,498.62 | Provision For Grant Assets | | | 99,066,869.24 |
| 77,745,644.74 | Share Application Money | | 82,493,501.49 | 182,431,501.49 | | | | | |
| | **RESERVE & SURPLUS:** | 2 | | | 56,293,197.37 | **CAPITAL WORK - IN - PROGRESS:** | 6B | | 58,910,779.37 |
| 19,516,144.14 | Capital Grant from Government of Orissa | | 19,516,144.14 | | | | | | |
| 97,483,382.64 | Capital Reserve | | 97,483,382.64 | | | **INVESTMENTS:** | 7 | | |
| 5,438,878.57 | Co-operative Education Fund | | 4,471,967.57 | | 500,000.00 | Investment - OTCS | | 520,000.00 | |
| 78,683,573.65 | Profit & Loss A/c | | 111,517,529.64 | | 5,000.00 | Investment - Share Capital | | 5,000.00 | |
| 40,080,161.87 | Reserve Fund | | 40,080,161.87 | | 1,001.00 | Investment - Others | | 1,001.00 | 526,001.00 |
| 66,145.57 | Statutory Reserve | | 66,145.57 | 273,135,331.43 | | **CURRENT ASSETS, LOANS & ADVANCES:** | 8A | | |
| | **GRANT/S FUND:** | | | | 266,696,136.19 | **INVENTORIES:** | | | 311,623,679.77 |
| | **A. Grant in Cash:** | | | | | | | | |
| 68,413,684.35 | Grant From Government of India | 3A | 81,733,275.00 | | 7,743,649.06 | TRADE DEBTORS | 8A | | 2,131,993.03 |
| 34,438,961.04 | Grant from Government of Orissa | 3B | 42,184,239.30 | | | | | | |
| (2,965,139.17) | Grant from Others | 3C | (2,965,139.17) | 120,952,375.13 | | **LOANS & ADVANCES:** | 8A | | |
| | **B. Grant in Kind:** | | | | 5,263,288.00 | Advance to Staffs | | 5,842,659.29 | |
| - | Grant From Government of India | 3A | - | | 23,686,719.10 | Advance to Others | | 41,907,086.06 | |
| - | Grant from Government of Orissa | 3B | - | | 21,687,523.67 | Advance to Unions | | 20,799,779.22 | |
| 25,557,834.94 | Grant from Others | 3C | 25,557,834.94 | 25,557,834.94 | 24,001,623.10 | Loans to Union | | 24,001,623.10 | |
| | SECURED LOAN: | 4A | | | 30,654,944.86 | Inter Branch Accounts(Dr) | | 41,420,154.85 | |
| - | Loan From Government of India | - | | | 182,215,487.18 | Other Receivables | | 207,153,366.58 | 341,124,669.10 |

**Sri S.C. Altia, ACA**
Dy.Gen. Manager (Finance)

**Sri Madhusudan Padhi (IAS)**
Managing Director

**CA S.C. Prusty, FCA**
Chartered Accountant

# Balance Sheet as on 31st March 2013

| LIABILITIES | | | | | ASSETS | | | | |
|---|---|---|---|---|---|---|---|---|---|
| Previous Year Amount (Rs.) | Particulars | SCH. | Current Year Amount (Rs.) | Current Year Amount (Rs.) | Previous Year Amount (Rs.) | Particulars | SCH. | Current Year Amount (Rs.) | Current Year Amount (Rs.) |
| - | Loan from Government of Orissa | - | | | | **CASH & BANK BALANCES:** | 8B | | |
| 550,760,509.34 | Loan from Bank | | 272,542,053.54 | | 2,040,120.46 | Cash - In - hand | | 4,854,813.89 | |
| - | Loan from Others(Specify) | | - | 272,542,053.54 | 394,426,791.56 | Cash At Bank | | 331,560,257.25 | |
| | UNSECURED LOAN: | 4B | | | 353,679,790.61 | Term Deposits | | 111,229,706.24 | 447,644,777.38 |
| - | Loan From Government of India | | - | | | | | | |
| - | Loan from Government of Orissa | - | | | | | | | |
| - | Loan from Bank | | - | | | | | | |
| 99,999,999.19 | Loan from Others(Specify) | | 100,000,000.00 | 100,000,000.00 | | | | | |
| | **CURRENT LIABILITIES & PROVISIONS:** | 5 | | | | | | | |
| 201,541,734.43 | Trade Creditors | | 173,425,663.77 | | | | | | |
| 4,477,720.30 | Sundry Creditors - Grant | | 4,477,720.30 | | | | | | |
| 16,667,593.07 | Government & Other Current A/C | | 5,973,234.57 | | - | PROFIT & LOSS A/c: | | | - |
| 3,957,069.09 | Statutory Liabilities | | 4,484,155.76 | | | | | | |
| 11,367,656.82 | Payable to Unions | | 9,710,780.22 | | | | | | |
| - | Inter Branch Accounts(Cr) | | - | | | | | | |
| 77,982,738.32 | Other Liabilities | | 105,297,563.12 | | | | | | |
| 161,229,997.76 | Provisions | | 169,647,729.47 | 473,016,847.21 | | | | | |
| **1,672,382,290.66** | **TOTAL** | | | **1,447,635,943.74** | **1,672,382,290.66** | **TOTAL** | | | **1,447,635,943.74** |

**Sri S.C. Altia, ACA**
Dy.Gen. Manager (Finance)

**Sri Madhusudan Padhi (IAS)**
Managing Director

**CA S.C. Prusty, FCA**
Chartered Accountant



Shri M. Muthukumar, I.A.S., Collector-cum-District Magistrate Bolangir inspecting the Milking Machine at BKN Milk Union.


ଓମ୍‌ଫେଡ୍
ମୁଖ୍ୟ କାର୍ଯ୍ୟାଳୟ, ଡି-୨, ଶହୀଦ୍‌ନଗର, ଭୁବନେଶ୍ୱର-୭୫୧୦୦୭